ପ୍ରମେୟ
THE PRAMEYA

# ଭୁବନେଶ୍ୱର ଆଇଆଇଟିରେ ୩ ଗୁଣ ବଢ଼ିଲା ପ୍ଲେସମେଣ୍ଟ

**ଛାତ୍ରୀ ଆର୍ ଲିଖିତା ଶର୍ମାଙ୍କୁ ବାର୍ଷିକ ୩୯ ଲକ୍ଷ ଟଙ୍କାରେ ନିଯୁକ୍ତି**

ଭୁବନେଶ୍ୱର,୧୪।୨(ବ୍ୟୁରୋ): ଭୁବନେଶ୍ୱର ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ରେ ୨୦୧୬ ତୁଳନାରେ ୩ଗୁଣ ନିଯୁକ୍ତି ବା ପ୍ଲେସ୍‌ମେଣ୍ଟ ବଢ଼ିଛି। ଚଳିତ ବର୍ଷ ୩୦ରୁ ଅଧିକ ଛାତ୍ରଛାତ୍ରୀ ବାର୍ଷିକ ୧୫ ଲକ୍ଷ ଟଙ୍କାରୁ ଅଧିକ ଦରମାରେ ନିଯୁକ୍ତି ପାଇଥିବା ବେଳେ ତେଲେଙ୍ଗାନାରୁ ଆସି ପଢୁଥିବା ଛାତ୍ରୀ ସମସ୍ତ ରେକର୍ଡ଼ ଭାଙ୍ଗିଛନ୍ତି।

ଭୁବନେଶ୍ୱର ଆଇଆଇଟିର କମ୍ପ୍ୟୁଟର୍ ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ରୀ ଆର୍ ଲିଖିତା ଶର୍ମା ଆଡବ୍ ଆଇଟି କମ୍ପାନୀରେ ବାର୍ଷିକ ୩୯ ଲକ୍ଷ ଟଙ୍କା ଦରମାରେ ନିଯୁକ୍ତି ପାଇଛନ୍ତି। ୨୦୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀ ପ୍ଲେସମେଣ୍ଟରେ ନିଯୁକ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ସେ ରେକର୍ଡ଼ ଭାଙ୍ଗିଥିବା ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର କହିଛନ୍ତି। ଏବେ ଭୁବନେଶ୍ୱର ଆଇଆଇଟିର ୮୦% ଛାତ୍ରଛାତ୍ରୀ କୋର ବ୍ରାଞ୍ଚରେ ନିଯୁକ୍ତି ପାଉଛନ୍ତି। ଯାହା ଖୁସିର ବିଷୟ। ଏବେ ସୁଦ୍ଧା ପାଖାପାଖି ୯୫% ନିଯୁକ୍ତି ପାଇପାରିଥିବା ବେଳେ ମାର୍ଚ୍ଚ ସୁଦ୍ଧା ବହୁ କମ୍ପାନୀ ଆସିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଡ. ରାଜକୁମାର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଭୁବନେଶ୍ୱର ଆଇଆଇଟିରେ ୨୦୧୬ରେ ଜଣେ ଛାତ୍ର ସର୍ବାଧିକ ବାର୍ଷିକ ୩୮ ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା ବେଳେ ଗତ ବର୍ଷ ୩୪ ଲକ୍ଷ ଟଙ୍କା ସର୍ବାଧିକ ପ୍ୟାକେଜ୍ ରହିଥିଲା। ତେବେ ଆଇଆଇଟିରେ ପାଠପଢା ଶୈଳୀରେ ପରିବର୍ତ୍ତନ ଯୋଗୁଁ ନିଯୁକ୍ତି ବଢିଥିବା ନିର୍ଦ୍ଦେଶକ ପ୍ରଫେସର ରାଜକୁମାର ଯୁକ୍ତି ବାଢିଛନ୍ତି।